୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Saturday November 22 | ଭୁବନେଶ୍ୱର ଶନିବାର, ୨୨, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


# ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ




ଜଗତସିଂହପୁର,(ପି ଏନ): ଜଗତସିଂହପୁର ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲ ଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି ।ବୈଠକ ପ୍ରାରମ୍ଭରେ ଜଗତସିଂହପୁର ଦିବଂଗତ ଆଇନଜୀବି ସଂଗ୍ରାମ କେଶରୀ ମହାନ୍ତି, ଜଗତସିଂହପୁରର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକ, ପରିଷଦ ସଦସ୍ୟା ଅଧ୍ୟାପିକା ସବିତା ମହାନ୍ତି ଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ୨୦୨୫ ପୁସ୍ତକମେଳାର ମୁଖପାତ୍ର 'ସ୍ମୃତିପତ୍ର' ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ ସୋନାଲ ଓ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରେଇ, ମୁଖ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା ।ଉକ୍ତ ବୈଠକରେ ପରିଷଦର ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଦାସ ବାର୍ଷିକ ବିବରଣୀ ଉପସ୍ଥାପନା କରିବ ସହ ଗତ ପୁସ୍ତକମେଳାର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ ।ଜିଲ୍ଲାପାଳ ତଥା ପରିଷଦର ଅଧ୍ୟକ୍ଷ ଜେ ସୋନାଲ ଗତ ପୁସ୍ତକମେଳାର ସଫଳତା ପାଇଁ ପରିଷଦର ସଦସ୍ୟ ସଦସ୍ୟା ମାନଙ୍କର ଆନ୍ତରିକ ଉଦ୍ୟମକୁ ପ୍ରଶଂସା କରିବା ସହ ଚଳିତ ପୁସ୍ତକମେଳାକୁ ଉଚ୍ଚକୋଟୀର କରିବାକୁ ଜିଲ୍ଲାପ୍ରଶାସନ ସମସ୍ତ ପ୍ରକାର ସହାୟତା ଦେବାକୁ ପ୍ରସ୍ତୁତ ବୋଲି ମତବ୍ୟକ୍ତ କରିଥିଲେ ।ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରେଇ ସୋସିଆଲ ମିଡିଆ ଯୁଗରେ ପୁସ୍ତକମେଳାର ଆୟୋଜନ ଯୁବ ପିଢ଼ିକୁ ପ୍ରେରଣା ଦେବ ବୋଲି ମତବ୍ୟକ୍ତ କରିବା ସହ ପୁସ୍ତକମେଳା ପ୍ରତି ତାଙ୍କର ସମସ୍ତ ପ୍ରକାର ସହାୟତା ଦେବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ ।ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ଆଗାମୀ ପୁସ୍ତକମେଳାକୁ ସରଶ ସୁନ୍ଦର କରିବାକୁ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କର ସହଯୋଗ କାମନା କରିଥିଲେ ।ଉକ୍ତ ବୈଠକରେ ପରିଷଦର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ ।ପରିଷଦର ସଦସ୍ୟ ସାମ୍ବାଦିକ ମନୋଜ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷ ବିଜୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।ପରିଷଦର ଉପଦେଷ୍ଟା ନଟବର ବାରିକ,ପ୍ରଶାନ୍ତ କୁମାର ଶତପଥୀ, ଭଗବାନ ଦାଶ,ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ନରେଶ ଦାସ,ସଦସ୍ୟ ଡ଼ ଜ୍ୟୋତିର୍ମୟୀ ମହାନ୍ତି,ଦେବୀ ପ୍ରସାଦ ଚୌଧୁରୀ, ନାଟ୍ୟକାର କୈଳାସ ମଲ୍ଲିକ,ପ୍ରଭାତ ଦାଶ, ଅମ୍ବିକା ପ୍ରସନ୍ନ ମହାନ୍ତି,ମାନସ କୁମାର କାନୁନଗୋ,ପ୍ରଦିପ୍ତ କିଶୋର ଚୌଧୁରୀ,ମାନସ ରଥ,ପ୍ରଜ୍ଞା ପାରମିତା ଚୌଧୁରୀ, ସୁଷମା ପ୍ରଧାନ, ସତ୍ୟବ୍ରତ ବିଶ୍ୱାଳ, ମନୋଜ କୁମାର ମହାପାତ୍ର, ସୌମ୍ୟରଞ୍ଜନ ବିଶ୍ୱାଳ, ନିକୁଞ୍ଜ କିଶୋର ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ, ବିଶ୍ୱନାଥ ପଣ୍ଡା, ଲୋକନାଥ ଦାସ, ଅତନୁ କୁମାର ସ୍ୱାଇଁ, ବିଜୟଲକ୍ଷ୍ମୀ ମହାପାତ୍ର, ନିବେଦିତା ମହାନ୍ତି, ଶ୍ରଦ୍ଧାମୟୀ ରାଉତ ? ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଝାରସୁଗୁଡ଼ାରେ ଯୁବଗୋଷ୍ଠୀଙ୍କୁ କର୍ମନିଯୁକ୍ତି ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଝାରସୁଗୁଡା,(ପି.ଏନ): ଓଡିଶାର ଝାରସୁଗୁଡାଠାରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ କର୍ମନିଯୁକ୍ତି ପାଇଁ କିଶୋର ଶିକ୍ଷା ଓ ଜୀବିକା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଉକ୍ତ ପଦକ୍ଷେପ ଅର୍ନ୍ତଗତ ଏପ୍ସିଲନ ଫାଉଣ୍ଡେସନ, ସ୍ଥାୟୀ ସମୁଦାୟ ବିକାଶ ପାଇଁ ଝାରସୁଗୁଡାର ୨୫୦୦ରୁ ଅଧିକ କିଶୋର, ଯୁବପିଢି ଓ ମହିଳାଙ୍କୁ ଆଧୁନିକ ଦକ୍ଷତା, ଶିକ୍ଷାଗତ ସହଯୋଗ ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମକୁ ଏପ୍ସିଲନ କାର୍ବନ ପ୍ରାଇଭେଟ ଲିମିଟେଡର ସିଏସଆର ଶାଖା ଏପ୍ସିଲନ ଫାଉଣ୍ଡେଶନ ଏବଂ ମ୍ୟାଜିକ ବସ ଇଣ୍ଡିଆ ଫାଉଣ୍ଡେଶନ ସହ ସହଭାଗିତାରେ ଉନ୍ମୋଚନ କରାଯାଇଛି । ଏହି ଅଭିଯାନକୁ ଏକ ମଡେଲ ଚାଇଲ୍ଡହୁଡ-ଟୁ-ଲାଇଭ୍ଲିହୁଡ ପ୍ରୋଗ୍ରାମ ଭାବେ ଡିଜାଇନ କରାଯାଇଛି ଯାହା ଅଣକୁଶଳୀ କିଶୋର କିଶୋରୀ, ଯୁବପିଢି ଓ ମହିଳାଙ୍କ ପାଇଁ ଏଜେନ୍ସି ଓ ସ୍ଥାୟୀ କର୍ମନିଯୁକ୍ତି ମାର୍ଗ ପ୍ରଦାନ କରୁଛି । ଏହା ଦୁର୍ବଳ ଆର୍ଥିକ ବର୍ଗ ଓ ଆଦିବାସୀ ସମୁଦାୟଗୁଡିକର ଯୁବପିଢି ଓ ମହିଳାଙ୍କ ସମେତ ସରକାରୀ ସ୍କୁଲର କିଶୋର କିଶୋରୀଙ୍କ ଉପରେ ଗୁରୁତ୍ୱ ଦେଉଛି । ଏହି କାର୍ଯ୍ୟକ୍ରମ ୧୨ରୁ ୮ ବର୍ଷ ବୟସର ୨୦୦୦ କିଶୋର, ୫୭୦ ଜଣ ଯୁବକ ଯୁବତୀ ଓ ୧୮ରୁ ୪୫ ବର୍ଷ ବୟସର ମହିଳାଙ୍କ ନିକଟରେ ପହଂଚିବ ଯାହା ସର୍ବନିମ୍ନ ୫୦% ମହିଳାଙ୍କ ଯୋଗଦାନ ନିଶ୍ଚିତ କରିବ ।ଏହି ସହଭାଗିତା ସମ୍ପର୍କରେ ଏପ୍ସିଲନ ଗ୍ରୁପର ଏମ୍ଡି ଶ୍ରୀଯୁକ୍ତ ବିକ୍ରମ ହାଣ୍ଡା କହିଛନ୍ତି, 'ମ୍ୟାଜିକ ବସ୍ ଇଣ୍ଡିଆ ଫାଉଣ୍ଡେଶନ ସହ ଆମର ସହଭାଗିତା ଝାରସୁଗୁଡାରେ ଦୀର୍ଘକାଳିନ ସାମାଜିକ ପ୍ରଭାବ ସୃଷ୍ଟି କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି । କିଶୋର, ଯୁବକ ଯୁବତୀ ଓ ମହିଳାଙ୍କୁ ନିଯୁକ୍ତି କ୍ଷମତା ଓ ଉଦ୍ୟୋଗିକ ଦକ୍ଷତା ହାସଲ କରିବାରେ ସାହାଯ୍ୟ କରି, ଆମେ ସ୍ଥାନୀୟ ଜୀବିକାଗୁଡିକୁ ସୁଦୃଢ କରିବା ଏବଂ ଏକ ଅଧିକ ସମାବେଶୀ ଓ ଆତ୍ମନିର୍ଭରଶୀଳ ଭବିଷ୍ୟତ ପାଇଁ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ ।' ଏହି ସହଭାଗିତା ଉପରେ ମତବ୍ୟକ୍ତ କରି ମ୍ୟାଜିକ ବସ୍ ଇଣ୍ଡିଆ ଫାଉଣ୍ଡେଶନର ଗ୍ଲୋବାଲ ସିଇଓ ଜୟ' ରସ୍ତୋଗି କହିଛନ୍ତି, 'ଏପ୍ସିଲନ ସହ ଆମର ସହଭାଗିତା , ସ୍କୁଲରୁ କାର୍ଯ୍ୟକୁ ଏକ ନିର'ର ସହଯୋଗ ସୃଷ୍ଟି କରି ମ୍ୟାଜିକ୍ ବସ୍‌ର ଚାଇଲ୍ଡହୁଡ-ଟୁ-ଲାଇଭ୍ଲିହୁଡ ମଡେଲକୁ ମଜବୁତ କରିଛି, ଯାହା ଯୁବପିଢିମାନେ ଯେପରି ନିଯୁକ୍ତି ପାଇଁ ପ୍ରସ୍ତୁତ ରହିବେ ଏବଂ ନିଜ ସମୁଦାୟରେ ପରିବର୍ତ୍ତନର ନେତୃତ୍ୱ ନେବା ପାଇଁ ସୁସଜ୍ଜିତ ରହିବେ ତାହା ନିଶ୍ଚିତ କରିଥାଏ ।' କିଶୋରମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ନିଯୁକ୍ତି କ୍ଷମତା ଓ ସବୁଜ ଦକ୍ଷତା, ମୌଳିକ ସାକ୍ଷରତା ଓ ସାଂଖ୍ୟିକ ଦକ୍ଷତା, ଆର୍ଥିକ ସାକ୍ଷରତା ଏବଂ କମ୍ୟୁନିଟି ଲର୍ଣ୍ଣିଂ ସେଂଟର (ସିଏଲସି)ଗୁଡିକ ମାଧ୍ୟମରେ ୯ମ ଓ ୧୦ମ ଶ୍ରେଣୀ ପାଇଁ ଶିକ୍ଷାଗତ ସହଯୋଗ ପ୍ରଦାନ କରିବ । ଏହା ଦୀର୍ଘକାଳିନ ପ୍ରଭାବ ନିଶ୍ଚିତ କରିବା ପାଇଁ ଅଭିଭାବକ, ଶିକ୍ଷାବିତ ଓ ସମୁଦାୟର ସମ୍ପୃକ୍ତି ସହ ଢାଂଚାଗତ କ୍ୟାରିୟର ଏକ୍ସପୋଜର ପ୍ରଦାନ କରୁଛି । ଯୁବପିଢି ଓ ମହିଳାଙ୍କ ପାଇଁ ଲାଇଭ୍ଲିହୁଡ ରିସୋର୍ସ ସେଂଟର (ଏଲଆରସି)ଗୁଡିକ ଚାକିରି-ପ୍ରସ୍ତୁତି ପ୍ରଶିକ୍ଷଣ, ନିଯୁକ୍ତି ସମର୍ଥନ, କ୍ଷୁଦ୍ର ଉଦ୍ୟୋଗଗୁଡିକ ପାଇଁ ଉଦ୍ୟୋଗିକତା ବିକାଶ ଓ ସୁଯୋଗ ପ୍ରଦାନ କରିବ । ଏନଇପି ୨୦୨୦ ଓ ଏନସିଏଫ ୨୦୨୩ ସହ ସମନ୍ୱିତ ଥିବା, ଏପ୍ସିଲନ ଫାଉଣ୍ଡେଶନ , ମ୍ୟାଜିକ ବସ୍ ଓ ସରକାରୀ ହିତାଧିକାରୀଙ୍କ ମଧ୍ୟରେ ଏହି ସହଭାଗିତା ସ୍ଥିରତା ଓ ସୁଯୋଗର ଏକ ମଡେଲ ସ୍ଥାପନ କରିଛି, ଯାହା ପରିବାର ଓ ସମୁଦାୟଗୁଡିକ ଯେପରି ଦୁର୍ବଳ ସ୍ଥିତିରୁ ସ୍ଥିରତାକୁ ପରିବର୍ତ୍ତନ ହୋଇପାରିବେ ଏବଂ ଭାରତର ଅଭିବୃଦ୍ଧି କାହାଣୀରେ ସାର୍ଥକ ଯୋଗଦାନ ଦେଇପାରିବେ ତାହା ନିଶ୍ଚିତ କରୁଛି ।

# ଡକ୍ଟର ହରେକୃଷ୍ଣ ମହତାବଙ୍କ ଅବସରରେ ୧୫ତମ ରକ୍ତଦାନ ଶିବିର



ଭୁବନେଶ୍ୱର,(ପି.ଏନ): ୧୨୬ତମ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅବସରରେ ୧୫ତମ ରକ୍ତଦାନ ଶିବିର କେଦାରନାଥ ଗବେଷଣାଠାରେ ଅନୁଷ୍ଠିତ ଆମିତି ଇଣ୍ଡିଆ ଚାରିଟେବୁଲ ଟ୍ରଷ୍ଟ, ଓଡ଼ିଶା, ଭୁବନେଶ୍ୱର ତରଫରୁ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଖୋର୍ଦ୍ଧା ଜିଲ୍ଲାର ଉପ ଜିଲ୍ଲାପାଳ ମନୋରନ ସାହୁ ସମ୍ମାନିତ ଅତିଥି, ପୂର୍ବତନ ଖାଦ୍ୟ ବୋର୍ଡର ଚେୟାରମ୍ୟାନ ସଂଗ୍ରାମ ପାଇକରାଏ ଉପସ୍ଥିତ ଥିଲେ । ଆମିତି ଇଣ୍ଡିଆ ଚାରିଟେବୁଲ ଟ୍ରଷ୍ଟ ଆଇନଜୀବୀ ସୁରେଶ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବର୍ଷ ୨ଜଣ ମହିଳା ଆଇନଜୀବୀ ଉତ୍କଳ କେଶରୀ ମହତାବ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

# ଜାହାନିଆଁ ବେଳାଭୂମିରେ ଲୁଣିଆ କୁମ୍ଭୀର : ପର୍ଯ୍ୟଟକ ମହଲରେ ଭୟର ବାତାବରଣ



କାକଟପୁର, (ପି.ଏନ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ ପୀର ଜାହାନିଆଁ ବେଳାଭୂମିରେ ଶୁକ୍ରବାର ମଧ୍ୟାହ୍ନ ସମୟରେ ଏକ ଲୁଣିଆ କୁମ୍ଭୀର ଦେଖିବାକୁ ମିଳିଛି । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କର ପରିସ୍ଥିତି ସୃଷ୍ଟି କରିଛି । ବେଳାଭୂମିରେ ଏହି କୁମ୍ଭୀର ରହିଥିବା ଦେଖି ଜଣେ ସ୍ଥାନୀୟ ଯୁବକ ଏସ.ଏସ.ଜଗନ୍ନାଥ ଏହାକୁ ଚିହ୍ନଟ କରି ଭିଡିଓ ରେକର୍ଡ କରିଥିଲେ । ଯାହା ସାମାଜିକ ଗଣମାଧ୍ୟମରେ ଦ୍ରୁତଗତିରେ ପ୍ରଚାରିତ ହେବାରୁ ଅଂଚଳରେ ଅଧିକ ସଚେତନତା ଓ ଚିନ୍ତା ବଢ଼ିଛି । ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଏବଂ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ମିଳିତ ଭାବେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଂଚଳ କର୍ମକର୍ତ୍ତାଙ୍କୁ ଅବଗତ କରିଥିଲେ । ଏହାପରେ ବିଭାଗୀୟ କର୍ମଚାରୀମାନେ ଅଂଚଳକୁ ପହଂଚି କୁମ୍ଭୀରର ଗତିବିଧି ଉପରେ ସତର୍କ ନଜର ରଖିବା ଆରମ୍ଭ କରିଛନ୍ତି । ଅନ୍ୟପକ୍ଷେ ମତ୍ସ୍ୟଜୀବୀ, ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ବେଳାଭୂମିର ଏହି ବିପଦସଂକେତ ସ୍ଥଳରେ ସୂଚନା ଫଳକ, ଫାଟକ ଓ ସତର୍କତା ବ୍ୟବସ୍ଥା ପ୍ରଭୃତି ଜରୁରୀକାଳୀନ ପଦକ୍ଷେପ ନେବାକୁ ସ୍ଥାନୀୟ ଅଂଚଳବାସୀ ଏବଂ ପରିବେଶ ସଂଗଠନମାନେ ଦାବି କରିଛନ୍ତି । ଏହା ସହିତ କୁମ୍ଭୀର-ମନୁଷ୍ୟ ସଂଘର୍ଷ ଦ୍ୱାରା ଯେପରି କୌଣସି ଧାନ ଜୀବନ ହାନି ନଘଟିବା ସେଥିପାଇଁ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ତ୍ୱରିତ ବିଭାଗୀୟ ପଦକ୍ଷେପ ନେବା ଦରକାର ବୋଲି ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ ପକ୍ଷରୁ ଲିଖିତ ଭାବେ ଅବଗତ କରାଯାଇଅଛି । ଏନେଇ ଭାରପ୍ରପ୍ତ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଂଚଳ ଅଧିକାରୀ ସୁଦର୍ଶନ ଦେହୁରୀ ପ୍ରତିକ୍ରିୟାରେ କହିଛନ୍ତି – "ଖବର ପାଇବା ପରେ ଆମର କର୍ମକର୍ତାମାନେ ସ୍ଥଳରେ ପହଂଚି କୁମ୍ଭୀରର ଗତିବିଧି ଉପରେ ନିରନ୍ତର ନଜର ରଖୁଛନ୍ତି । ବେଳାଭୂମିକୁ ଆସୁଥିବା ଲୋକଙ୍କ ସୁରକ୍ଷା ଆମର ପ୍ରଥମ ପ୍ରାଥମିକତା, ଏନେଇ ବିଭାଗ ସତର୍କ ରହିଛି ।"ଉଲ୍ଲେଖ୍ୟ, ବିଗତ ବର୍ଷରେ କୋଣାର୍କ, ଚନ୍ଦ୍ରଭାଗା ଓ ପାଖ ଅଂଚଳରେ ମଧ୍ୟ ଏକାଧିକ ସମୟରେ ଲୁଣିଆ କୁମ୍ଭୀର ଦେଖାଦେଇଛି ।

# ଜୟଦେବ ସାହିତ୍ୟ ଉତ୍ସବ ଏବଂ ଜୟଦେବ ସାରସ୍ୱତ ସମ୍ମାନ -୨୦୨୫ ପ୍ରଦାନ




ଭୁବନେଶ୍ୱର,(ପି.ଏ): ଶୁକ୍ରବାର ସନ୍ଧ୍ୟାରେ ରାଜଧାନୀ ପୁସ୍ତକ ମେଳା ମଂଚରେ ମାସିକ ସମ୍ବାଦ ପତ୍ର ଶାନ୍ତି ସ୍ତୁପ ଓ ନିର୍ମାଣ ଏଜୁକେସନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଜୟଦେବ ସାହିତ୍ୟ ଉତ୍ସବ ଓ ଜୟଦେବ ସାହିତ୍ୟ ସମ୍ମାନ ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଅଛି । ଶାନ୍ତିସ୍ତୁପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗୀତିକାର ତଥା ସଂଳାପକାର ଡ ରଜନୀ ରଞ୍ଜନ ଦାଶ, ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ରାଜଧାନୀ ପୁସ୍ତକ ମେଳାର ସଭାପତି ଉପେନ୍ଦ୍ର ଜେନା, ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଲେଖିକା ସ୍ମୃତକୀର୍ତି ତ୍ରିପାଠୀ, ଲେଖିକା ତଥା ଶିକ୍ଷାବିତ୍ ସ୍ୱୟଂପ୍ରଭା ରଥ, ନିର୍ମାଣ ଏଜୁକେସନ ଟ୍ରଷ୍ଟର ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି, ଲେଖକ ତଥା କବି ଡ. ନୃସିଂହନନ୍ଦ ମହାପାତ୍ର, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ତାପସ ରଂଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଲବ୍ଧ ପ୍ରତିଷ୍ଠିତ ୫ ଜଣ ଲେଖକ ତଥା କବିମାନଙ୍କୁ ଜୟଦେବ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା । ଆଶୁତୋଷ ଦାଶ ମଂଚ ପରିଚାଳନା କରିଥିଲେ ।

# ଆମ ଷ୍ଟାଣ୍ଡ ଓଡ଼ିଶାରେ ଉଚ୍ଚ କ୍ଷମତା ଏବଂ ଉଚ୍ଚ-କାର୍ଯ୍ୟଦକ୍ଷତା ଏସି ଉନ୍ମୋଚନ



ଭୁବନେଶ୍ୱର, (ପି.ଏନ): ଆମ ଷ୍ଟାଣ୍ଡ କ୍ୟୁମର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଆଜି ଏହାର ନୂତନତମ ଉଦ୍ଭାବନ-ବିରାଟ୍ ସିରିଜ୍ ରେ, ସୁପର ହେଭି ଡ୍ୟୁଟି ଏୟାର କଣ୍ଡିସନର ଏକ ଧାଡ଼ି, ଯାହା ଏକ ବିଶାଳ । ୧୨୬୦ଇଞ୍ଚ ଇଣ୍ଡୋର ୟୁନିଟ୍ (IDU) ଏବଂ ୨.୫ ଟନ୍ ପର୍ଯ୍ୟ' କୁଲିଂ କ୍ଷମତା ବିଶିଷ୍ଟ ଏହାର ଶୁଭାରମ୍ଭ ଘୋଷଣା କରିଛି । ଏହି ଲଂଚଇଭେଂଟ ଭୁବନେଶ୍ୱରର ହୋଟେଲ ସୀତାଲରେ ଅନୁଷ୍ଠିତ ହୋଇଥିଲା ଏବଂ ଏହାକୁ ମୁଖ୍ୟ ପରାମର୍ଶଦାତା ଶ୍ରୀ ନିମୁନ୍ ସିଂଘଲ୍ ଏବଂ ଆମ ଷ୍ଟାଣ୍ଡ ଅପରେସନ୍ ମୁଖ୍ୟ ଶ୍ରୀ ଧୀରଜ ସାରସ୍ୱତ ସମ୍ବୋଧିତ କରିଥିଲେ । ଏହି ବୈଠକରେ ଓଡ଼ିଶାରୁ ଶ୍ରୀଯୁକ୍ତ ଗୌତମ ନାୟକ, ଶ୍ରୀଯୁକ୍ତ ବିଭୂତି ଏବଂ ଶ୍ରୀଯୁକ୍ତ ଅରବିନ୍ଦ ମଧ୍ୟ ଉପସ୍ଥିତ ଥିଲେ । ବିରାଟ ସିରିଜ୍ ସ୍ୱତନ୍ତ୍ର ଶୀତଳତା ପ୍ରଦର୍ଶନ ପ୍ରଦାନ କରିବା ପାଇଁ ଇଞ୍ଜିନିୟର୍ଡ ହୋଇଛି, ବିଶେଷକରି ଓଡ଼ିଶାର ଚାହିଦାପୂର୍ଣ୍ଣ ଜଳବାୟୁ ପରିସ୍ଥିତି ପାଇଁ ଉପଯୁକ୍ତ । ଏହାର ଦୃଢ଼ ନିର୍ମାଣ ଏବଂ ବିସ୍ତାରିତ ଓଉଟ ସହିତ, ଏହା ଉଚ୍ଚ-କ୍ଷମତା ସମ୍ପନ୍ନ ଇଉ ସେଗମେଂଟରେ ଏକ ନୂତନ ମାନଦଣ୍ଡ ସ୍ଥାପନ କଲେ । ବିରାଟ ସିରିଜ୍ ବ୍ୟତୀତ, ଆମ ଷ୍ଟାଣ୍ଡ ଏହାର ୫ ଷ୍ଟାର ଏବଂ ୩ ଷ୍ଟାର ଏୟାର କଣ୍ଡିସନର ବ୍ୟାପକ ପରିସରକୁ ମଧ୍ୟ ପ୍ରଦର୍ଶନ କରିଛି, ଯାହା ଶକ୍ତି ଦକ୍ଷତା ଏବଂ କାର୍ଯ୍ୟଦକ୍ଷତା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରୁଛି । ଏହି କାର୍ଯ୍ୟକ୍ରମରେ ଆମଷ୍ଟାଣ୍ଡର ନୂତନତମ ଟେଲିଭିଜନ ଲାଇନଅପ୍, ମିନିକ୍ୟୁଏଲଇଡ଼ି, ଗେମିଂ ଟିଭି, କ୍ୟୁଏଲଇଡି ଏବଂ ଏଲଇଡି ଟିଭି, ଏବଂ ଏହାର ୱାଶିଂ ମେସିନ୍ ରେର ଉନ୍ମୋଚନ ମଧ୍ୟ କରାଯାଇଥିଲା, ଯାହା ଗ୍ରାହକମାନଙ୍କୁ ସ୍ମାର୍ଟ, ଷ୍ଟାଇଲିସ୍ ଏବଂ ନିର୍ଭରଯୋଗ୍ୟ ଘରୋଇ ଉପକରଣର ଏକ ସମ୍ପୂର୍ଣ୍ଣ ସୁଟ୍ ପ୍ରଦାନ କରୁଛି ।୨୦୧୯ ମସିହାରେ ପ୍ରତିଷ୍ଠା ହେବା ପରଠାରୁ, ଆମଷ୍ଟାଣ୍ଡ ସାରା ଭାରତରେ ଦ୍ରୁତ ଗତିରେ ନିଜର ପାଦ ବିସ୍ତାର କରିଛି ଏବଂ ପ୍ରଥମ ଦିନରୁ ଓଡ଼ିଶାରେ ଉପସ୍ଥିତ ଅଛି । ଆଜି ପର୍ଯ୍ୟନ୍ତ ୧୫ ଲକ୍ଷରୁ ଅଧିକ ୟୁନିଟ ବିକ୍ରି ହେବା ସହିତ, ବ୍ରାଣ୍ଡ ରାଜ୍ୟରେ ଉତ୍ପାଦ ନବସୃଜନ ଏବଂ ବିକ୍ରୟ ପରବର୍ତୀ ସେବାରେ ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟ ଦ୍ୱାରା ଚାଳିତ ହୋଇ ଦ୍ରୁତ ଗତିରେ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ । ଲଂଚ ସମୟରେ ଶ୍ରୀଯୁକ୍ତ ନିପୁଣ ସିଂଘଲ କହିଥିଲେ, 'ଆମ ଷ୍ଟାଣ୍ଡ ପାଇଁ ଓଡ଼ିଶା ସର୍ବଦା ଏକ ପ୍ରମୁଖ ବଜାର ହୋଇଆସିଛି । ବିରାଟ ସିରିଜ୍ ଏବଂ ଆମର ବିସ୍ତାରିତ ଉତ୍ପାଦ ପୋର୍ଟଫୋଲିଓ ସହିତ, ଆମେ ଏଠାରେ ଆମର ଗ୍ରାହକମାନଙ୍କୁ ଅତୁଳନୀୟ ମୂଲ୍ୟ ଏବଂ କାର୍ଯ୍ୟଦକ୍ଷତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ ।' ଓଡ଼ିଶାରେ ଆମ ଷ୍ଟାଣ୍ଡର ପ୍ରସାର ଏକ ଦୃଢ଼ ଡିଲର ନେଟୱାର୍କ, ସ୍ଥାନୀୟ ମାର୍କେଟିଂ ରଣନୀତି ଏବଂ ସୁଲଭ ମୂଲ୍ୟରେ ପ୍ରିମିୟମ୍ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରିବାର ପ୍ରତିବଦ୍ଧତା ଦ୍ୱାରା ସମର୍ଥିତ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray